## ପୂର୍ବତନ ଡିଜିଙ୍କ ବିୟୋଗରେ ଆଇପିଏସ୍ ଅଫିସର ସଂଘର ସ୍ମୃତିସଭା

**କଟକ ଅଫିସ:** ପୂର୍ବତନ ପୋଲିସ ଡିଜି ଶ୍ୟାମ ନାରାୟଣ ତିୱାରୀଙ୍କ ବିୟୋଗରେ ରାଜ୍ୟ ଆଇପିଏସ୍ ସଂଘ ଗଭୀର ଶୋକ ବ୍ୟକ୍ତ କରିଛି। ଶୁକ୍ରବାର ପୋଲିସ ମହାନିର୍ଦ୍ଦେଶକ ଅଭୟଙ୍କ ଅଧକ୍ଷତାରେ ଭିଡିଓ କନ୍‌ଫରେନ୍ସରେ ଅନୁଷ୍ଠିତ ସ୍ମୃତିସଭାରେ ସ୍ୱର୍ଗତ ତିୱାରୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସଭାରେ ଅଗ୍ନିଶମ ବିଭାଗ ଡିଜି ଡ. ସତ୍ୟଜିତ ମହାନ୍ତି, ଏଡିଜି ରେଲୱେ ପ୍ରଣବେନ୍ଦୁ ଆଚାର୍ଯ୍ୟ, ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ, ଅତିରିକ୍ତ ଡିଜି ବିନୟତୋଷ ମିଶ୍ର, ଆଇଜି ରେଖା ଲୋହାନି, ଯତୀନ୍ଦ୍ର କୋଏଲ, ପ୍ରବୀଣ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ସଂଘ ସମ୍ପାଦକ ତଥା ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ସଂକ୍ଷେପରେ**

## ବଜ୍ରପାତରେ ଯୁବକ ମୃତ, ୨ ଆହତ

**ନିରାକାରପୁର/ଟାଙ୍ଗୀ(ଖୋର୍ଦ୍ଧା), ୭।୮(ଡି.ଏନ୍.ଏ.):** ବଜ୍ରପାତରେ ଶୁକ୍ରବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ୨ଜଣ ଆହତ ହୋଇଛନ୍ତି। ମୃତକ ହେଲେ ଟାଙ୍ଗୀ ବ୍ଲକ ଅନ୍ତର୍ଗତ ହରିପୁର ଗ୍ରାମର ସନ୍ତୋଷ ବେହେରା(୨୯)। ଆହତ ମାନସ ଜେନା ଓ କେଦାର ବେହେରାଙ୍କୁ ଚିକିତ୍ସା ପାଇଁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ସନ୍ତୋଷ ଗାଈ ଚରାଇବାକୁ ନେଇଥିବା ବେଳେ ଅପରାହ୍ନରେ ହଠାତ୍ ବର୍ଷା ସହ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟପକ୍ଷେ ମାନସ ଓ କେଦାର ବିଲରୁ କାମ କରି ଫେରୁଥିବା ବେଳେ ବଜ୍ରପାତ ହେବାରୁ ଉଭୟ ଆହତ ହୋଇଥିଲେ। ପରିବାର ଲୋକେ ପହଞ୍ଚି ଉଭୟଙ୍କୁ ଚିକିତ୍ସା ପାଇଁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

## ଡକାୟତି ଯୋଜନା ପଣ୍ଡ: ୭ ଗିରଫ

**ପୁରୀ ଅଫିସ, ୭।୮:** ଜଗନ୍ନାଥ ବଲ୍ଲଭ ସଂଗ୍ରହାଳୟ ପରିସରରେ ବସି ଡକାୟତି ଯୋଜନା କରୁଥିବା ଏକ ଗ୍ୟାଙ୍ଗ ଟାଉନ ଥାନା ପୋଲିସ ହାତରେ ଧରାପଡ଼ିଛି। ଫଳରେ ସେମାନଙ୍କ ଡକାୟତି ଯୋଜନା ପଣ୍ଡ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଚନ୍ଦନପୁର ଥାନା ଅନ୍ତର୍ଗତ ତଳଜଙ୍ଗ ଡିହସାହିର ଟୁଟୁ ସ୍ୱାଇଁ, ନିମାପଡ଼ା ଥାନା ଖେଲାର ହରିଶପୁରର ବୃନ୍ଦାବନ ଦାଶ, ସଦର ଥାନା ଭାରତୀପୁରର ଜିତେନ୍ଦ୍ର ବେହେରା, ତାଳବଣିଆ ଥାନା ସିଦ୍ଧମହାବୀର ଚମାରସାହିର ବଞ୍ଚ ବେହେରା, ପେଣ୍ଟକଟା ମେରାଇନ ଥାନା ତୋଟାବେହେରା ସାହିର ସନ୍ତୋଷ ଜଗଦେବ, ତାଳବଣିଆ ଥାନା ବାଲିଘାଟର ଭାଗୀରଥି ପ୍ରଧାନ ଏବଂ ବାଲିସାହି ଥାନା ବାଲିସାହିର ସୁଦର୍ଶନ ମାଝି। ଶୁକ୍ରବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

## ସଂସ୍କୃତ ଦିବସ ପାଳିତ

**ପୁରୀ ଅଫିସ, ୭।୮:** ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ବେଦ ବିଭାଗ ପକ୍ଷରୁ ଶୁକ୍ରବାର ଗୁଗଲ୍ ମିଟ୍ ଆପ୍ ମାଧମରେ ସଂସ୍କୃତ ଦିବସ ପାଳିତ ହୋଇଯାଇଛି। ସାମ୍ପ୍ରତିକ ସମାଜରେ ସଂସ୍କୃତ ଓ ସଂସ୍କୃତ ଅଧ୍ୟୟନର ଆବଶ୍ୟକତା ବିଷୟରେ ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ସଭାକୁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ହରିହର ହୋତା ଉଦ୍‌ଘାଟନ କରି ଅନେକ ଅଭିନବ ବାକ୍ୟ ସମ୍ପର୍କରେ କହିଥିଲେ। ଅବସରପ୍ରାପ୍ତ ଆଚାର୍ଯ୍ୟ ପ୍ରଫେସର ଜୟକୃଷ୍ଣ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରାବଣ ପୂର୍ଣ୍ଣିମା ତିଥି ଓ ବୈଦିକ ପରମ୍ପରାର ଉପାକର୍ମ ବିଷୟରେ ବିଶଦ୍ ଆଲୋଚନା କରିଥିଲେ। ଅବସରପ୍ରାପ୍ତ ଆଚାର୍ଯ୍ୟ ପ୍ରଫେସର ଦିବାକର ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ବେଦାଧ୍ୟୟନ ପରମ୍ପରା ଓ ବୈଦିକ ଯଜ୍ଞ, ହୋମ ଆଦିରେ କରାଯାଉଥିବା କ୍ରିୟାମାନଙ୍କର ବିଜ୍ଞାନ ସିଦ୍ଧତା ବିଷୟରେ ଦୃଷ୍ଟିପାତ କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧକ୍ଷ ପ୍ରଫେସର ଏନ୍. ଆର୍. ଏସ୍. ତାତାଚାର୍ଯ୍ୟ ଅଧକ୍ଷତା କରି ଉପାକର୍ମ ଓ ବେଦ ଅଧ୍ୟୟନର ପ୍ରକ୍ରିୟା ବିଷୟରେ କହିଥିଲେ। ଅଧ୍ୟାପକ ଡ. ରାମଚନ୍ଦ୍ର ହୋତା ଧନ୍ୟବାଦ ଦେଇଥିଲେ। ବିଭାଗର ସହାୟକ ଆଚାର୍ଯ୍ୟ ଡ. ପରାମ୍ବା ଶ୍ରୀଯୋଗମାୟା ସଭାକାର୍ଯ୍ୟ ସଞ୍ଚାଳନ କରିଥିଲେ।

## ଜେଲ ପରିଦର୍ଶନ କଲେ ଜିଲା ଦୌରାଜଜ୍

**ପୁରୀ ଅଫିସ, ୭।୮:** ଦିନକୁ ଦିନ ମହାମାରୀ କରୋନା ଉଗ୍ର ରୂପ ଧାରଣ କରୁଛି। ବିଭିନ୍ନ ଜେଲରେ ଥିବା ବିଚାରାଧୀନ କଏଦୀ ଓ ଅନ୍ତେବାସୀ ମଧ ଏହି ମହାମାରୀ ଦ୍ୱାରା ସଂକ୍ରମିତ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ପୁରୀ ଜିଲା ଓ ଦୌରା ଜଜ୍ ତଥା ଆଇନସେବା ପ୍ରାଧିକରଣ ଅଧକ୍ଷ ବିଦ୍ୟୁତ୍ କୁମାର ମିଶ୍ର ପୁରୀ ଜିଲା ଜେଲ ଏବଂ ନିମାପଡ଼ା ସବ୍‌ଜେଲ ପରିଦର୍ଶନ କରିଛନ୍ତି। ଏହି ସମୟରେ ସିଭିଲ କୋର୍ଟ ରେଜିଷ୍ଟ୍ରାର ଅରୁଣ କୁମାର ପଟ୍ଟନାୟକ, ଏସ୍‌ପି ଅଖିଳେଶ୍ୱର ସିଂ, ଏଡିଏମ୍ ସୁବାସ ନାଥଶର୍ମା, ଦୁଇ ଜେଲର ଅଧୀକ୍ଷକ ଏବଂ ଚିକିତ୍ସକ ଉପସ୍ଥିତ ଥିଲେ। ସେମାନେ ଜେଲ୍‌ରେ ଥିବା କୋଭିଡ୍ ଆଇସୋଲେଶନ ୱାର୍ଡ ବୁଲି ଦେଖିବା ସହ ଅନ୍ତେବାସୀଙ୍କ ଭଲମନ୍ଦ ବୁଝିଥିଲେ। ମାସ୍କ ପରିଧାନ, ସାମାଜିକ ଦୂରତ୍ୱ ରକ୍ଷା ଏବଂ ଭଲ ଭାବେ ହାତ ଧୋଇବା ପାଇଁ ବୁଝାଇଥିଲେ।

# ସଙ୍ଗରୋଧରେ ପୋଲିସ, ଫାଇଦାରେ ଲୁଟେରା

**ଭୁବନେଶ୍ୱର, ୭।୮(ବ୍ୟୁରୋ)**

- ଗାଇଡ୍‌ଲାଇନ୍ ମାନୁ ନ ଥିବାରୁ ଥାନାରେ ସଂକ୍ରମଣ ବ୍ୟାପୁଛି
- ନୟାପଲ୍ଲୀ, କ୍ୟାପିଟାଲ, ଜିଆର୍‌ପି ଥାନାରେ କର୍ମଚାରୀ ଅଭାବ
- ଅଳ୍ପ କର୍ମଚାରୀରେ କାମ ଚଳାଇବାକୁ ପଡୁଛି : ଡିସିପି

କରୋନା ଲଢ଼େଇରେ ଆଗଧାଡ଼ିର ଯୋଦ୍ଧା ସାଜିଛି ପୋଲିସ। ସଂକ୍ରମଣ ରୋକିବାକୁ ଦିନରାତି କାର୍ଯ୍ୟ କରୁଥିବା ପୋଲିସ ଏବେ ନିଜେ ସଂକ୍ରମଣର ଶିକାର ହୋଇଛି। ଗାଇଡ୍‌ଲାଇନ୍ ମାନୁ ନ ଥିବାରୁ ଥାନାରେ କରୋନା ପଶିଛି। ଇତିମଧ୍ୟରେ ବହୁ ପୋଲିସ ଅଫିସର ଓ କର୍ମଚାରୀ କରୋନାରେ ଆକ୍ରାନ୍ତ ହୋଇଥିବାବେଳେ ସଂସ୍ପର୍ଶରେ ଆସିଥିବା ଅନ୍ୟମାନେ ମଧ ସଙ୍ଗରୋଧରେ ରହୁଛନ୍ତି। ଫଳରେ ଏବେ ବିଭିନ୍ନ ଥାନାରେ କର୍ମଚାରୀ ଅଭାବ ଦେଖାଦେଇଥିବାରୁ ଏହାର ଫାଇଦା ଅପରାଧୀମାନେ ନେଉଛନ୍ତି। କିଛିଦିନ ହେବ ସହରରେ ଏକାଧିକ ଗ୍ୟାଙ୍ଗ୍ ସକ୍ରିୟ ରହି ଅପରାଧ ଘଟାଉଛନ୍ତି। ହାତରେ ବନ୍ଧୁକ ଓ ବିଭିନ୍ନ ମାରଣାସ୍ତ୍ର ଧରି ପୋଲିସକୁ ନାଲିଆଖି ଦେଖାଉଛନ୍ତି। ଲୁଟ୍, ଡକାୟତି ଓ ହତ୍ୟାକାଣ୍ଡ ଘଟାଉଛନ୍ତି। ବିଶେଷକରି ଲୁଟେରାମାନେ ପ୍ରତିଦିନ କେଉଁଠି ନା କେଉଁଠି ଲୁଟ୍‌ପାଟ କରୁଥିବାରୁ କମିଶନରେଟ ପୋଲିସର ନିଦ ହଜୁଛି। ଘଟଣା ଘଟିବା ପରେ ପୋଲିସ କେବଳ ମାମଲା ରୁଜୁକରି ଚୁପ୍ ବସୁଥିବାରୁ ଲୋକଙ୍କ ସୁରକ୍ଷା ବିପନ୍ନ ହେବାରେ ଲାଗିଛି।

ମିଳିଥିବା ସୂଚନାନୁସାରେ, କମିଶନରେଟ ପୋଲିସର ୬୧ରୁ ଊର୍ଦ୍ଧ୍ୱ କର୍ମଚାରୀ କରୋନା ଆକ୍ରାନ୍ତ ହୋଇଛନ୍ତି। ଇତିମଧ୍ୟରେ ୨୧ଜଣ ସୁସ୍ଥ ହୋଇଥିଲେ ମଧ ଆଉ କେତେଜଣ ମଧ ଆକ୍ରାନ୍ତ ହେଉଛନ୍ତି। କ୍ୟାପିଟାଲ ଥାନାର ୯ଜଣ ପୋଲିସ କର୍ମଚାରୀଙ୍କ ନମୁନା ପଜିଟିଭ୍ ଆସିବା ପରେ ସଂସ୍ପର୍ଶରେ ଆସିଥିବା ଥାନା ଅଧିକାରୀ ଓ କର୍ମଚାରୀ ସଙ୍ଗରୋଧରେ ଅଛନ୍ତି। ସେହିପରି ନୟାପଲ୍ଲୀ ଥାନାରେ ୩ଜଣ ଅଫିସରଙ୍କ ସମେତ ୯ଜଣ ଆକ୍ରାନ୍ତ ହୋଇଛନ୍ତି। ଏଥିସହ ଥାନା ଅଧିକାରୀଙ୍କ ସମେତ ଅନେକ କର୍ମଚାରୀ ଏବେ ସଙ୍ଗରୋଧରେ ଅଛନ୍ତି। ଜିଆର୍‌ପି ଥାନାର ଜଣେ ଏସ୍ଆଇଙ୍କୁ କରୋନା ହେବା ପରେ ଏକାଧିକ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ସଙ୍ଗରୋଧରେ ରହିବାକୁ କୁହାଯାଇଛି। ଚନ୍ଦ୍ରଶେଖରପୁର ଥାନାର ଜଣେ କର୍ମଚାରୀଙ୍କ ରିପୋର୍ଟ ପ୍ରଥମେ ପଜିଟିଭ୍ ଓ ପରେ ନେଗେଟିଭ୍ ଆସିଥିଲେ ମଧ ଅନ୍ୟମାନେ ଭୟରେ ସହ କାର୍ଯ୍ୟ କରୁଛନ୍ତି। ଅନ୍ୟପକ୍ଷରେ ୫୫ ବର୍ଷରୁ ଊର୍ଦ୍ଧ୍ୱ ବୟସର ଅଫିସର ଓ କର୍ମଚାରୀଙ୍କୁ ଥାନାକୁ ଆସିବାକୁ ବାରଣ କରାଯାଇଛି। ହେଲେ କର୍ମଚାରୀ ଅଭାବ ଯୋଗୁ କାର୍ଯ୍ୟ କରିବାକୁ ପଡୁଥିବା ଜଣାପଡିଛି। ଏହାବ୍ୟତୀତ ଥାନାକୁ ପିପିଇଟି କିଟ୍ ଦିଆଯାଇଥିଲେ ମଧ ଅନେକ ଅଫିସର ଏହାକୁ ବ୍ୟବହାର କରୁ ନ ଥିବାରୁ ଯାଞ୍ଚ କିମ୍ବା ଅଭିଯୁକ୍ତଙ୍କୁ ଧରିବାବେଳେ ସଂକ୍ରମିତ ହେଉଥିବା କୁହାଯାଉଛି। ଥାନାରେ କରୋନା ପଶିବା ପରେ ଗେଟ୍‌ରେ ତାଲା ପଡୁଛି। ବହୁ କଷ୍ଟରେ ଲୋକେ ଅଭିଯୋଗ କରୁଛନ୍ତି, କିନ୍ତୁ ଠିକ୍ ଭାବେ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ହୋଇପାରୁନି। ଫଳରେ ଲୁଟେରା ଓ ଅନ୍ୟ ଅପରାଧୀମାନେ ଖୋଲାଖୋଲି ଅପରାଧ ଘଟାଉଛନ୍ତି। କଲୋନୀଠୁ ମୁଖ୍ୟ ରାସ୍ତାରେ ଅସାମାଜିକ କାର୍ଯ୍ୟ କଳାପ ବଢ଼ି ଚାଲିଛି। ଏନେଇ ଡିସିପି ଡା.ଉମାଶଙ୍କର ଦାଶ କୁହନ୍ତି, ଥାନାରେ ଯେତିକି କର୍ମଚାରୀ ଅଛନ୍ତି ସେତିକରେ କାର୍ଯ୍ୟ କରାଯାଉଛି। ତଦନ୍ତରେ ଯେପରି ବାଧା ସୃଷ୍ଟି ନ ହେବ ସେଥିଲାଗି ବ୍ୟବସ୍ଥା କରାଯାଉଛି। ଥାନା କର୍ମଚାରୀଙ୍କୁ ପିପିଇ କିଟ୍ ବ୍ୟବହାର କରି ସତର୍କତାର ସହ ଲୋକଙ୍କୁ ସେବା ଯୋଗାଇବା ପାଇଁ କୁହାଯାଇଛି।

# ‘ଶୂନ’ ମୃତ୍ୟୁ, ପ୍ଲାଜ୍‌ମା ଦାନ ପ୍ରାଥମିକତା



ସମୀକ୍ଷା ବୈଠକରେ ବିଭିନ୍ନ ବିଭାଗର ମନ୍ତ୍ରୀ, ବିଧାୟକ, କଟକ ଜିଲାପାଳ ଓ ଅନ୍ୟମାନେ।

**କଟକ ଅଫିସ,୭।୮**

କଟକ ଜିଲାରେ ପ୍ଲାଜ୍‌ମା ସଂଗ୍ରହ ବ୍ୟାପକ କରାଯିବ। ଏନେଇ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ଅଧକ୍ଷତାରେ ଶୁକ୍ରବାର ବୈଠକ ବସିଥିଲା। ଏଥିରେ ପଞ୍ଚାୟତିରାଜ ଓ ପାନୀୟଜଳ, ଆଇନ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ‘ଶୂନ’ ମୃତ୍ୟୁ ସମସ୍ତଙ୍କ ଲକ୍ଷ୍ୟ ହେଉ ବୋଲି କହିଛନ୍ତି।

ପ୍ଲାଜମା ଥେରାପିର ନୋଡାଲ ଅଧିକାରୀ ତଥା ଏସ୍‌ସିବି ମେଡିକାଲ ଆସୋସିଏଟ୍ ପ୍ରଫେସର ଡା. ସ୍ମିତା ମହାପାତ୍ର ପ୍ଲାଜ୍‌ମା ସଂଗ୍ରହ ସ୍ଥିତି ଉପରେ ସୂଚନା ଦେଇଥିଲେ। କଟକ ଜିଲାର ଗ୍ରାମାଞ୍ଚଳରେ ୫୨୯ ଓ ସହରାଞ୍ଚଳର ୩୨ ଜଣ ପ୍ଲାଜ୍‌ମା ଦେବା ପାଇଁ ଯୋଗ୍ୟ ହୋଇଛନ୍ତି। ସେଥିରୁ ଗ୍ରାମାଞ୍ଚଳର ୯୭ ଓ ସହରାଞ୍ଚଳର ୮ ଜଣ ପ୍ଲାଜ୍‌ମା ଦେବାକୁ ଆଗ୍ରହୀ। ଏଯାବତ୍ ଏସ୍‌ସିବି ପ୍ଲାଜ୍‌ମା ବ୍ୟାଙ୍କ୍‌ରେ ୫୮ ଜଣଙ୍କଠାରୁ ୧୧୬ ୟୁନିଟ୍ ପ୍ଲାଜ୍‌ମା ସଂଗ୍ରହ କରାଯାଇଛି। ସେଥିରୁ ୯୦ ୟୁନିଟ୍ ରାଜ୍ୟର ବିଭିନ୍ନ କୋଭିଡ୍ ହସ୍ପିଟାଲକୁ ଦିଆଯାଇଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଟ୍ରେସିଂ, ଟେଷ୍ଟିଂ ଓ ଚିକିତ୍ସାର ବ୍ୟାପକ ବ୍ୟବସ୍ଥା ସମ୍ବନ୍ଧରେ ଆଲୋଚନା କରିଥିଲେ। ପ୍ଲାଜ୍‌ମା ଦାନ ପାଇଁ ସୁସ୍ଥ ବ୍ୟକ୍ତିଙ୍କ ତାଲିକା ଓ ସବିଶେଷ ବିବରଣୀ ଉପଲବ୍ଧ କରାଇବା ପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅତିରିକ୍ତ ଜିଲାପାଳ ବିଜୟ ଖଣ୍ଡାୟତରାୟଙ୍କୁ ଏହାର ସଂଯୋଜକ ଦାୟିତ୍ୱ ମିଳିଛି। ବୈଠକରେ କଟକ ସଦର ବିଧାୟକ ଚନ୍ଦ୍ର ସାରଥି ବେହେରା, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, କଟକ ବାରବାଟୀ ବିଧାୟକ ମହମ୍ମଦ ମୋକିମ, କଟକ ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ, ବାଙ୍କି ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ନିଜର ମତ ରଖିଥିଲେ। ରାଜ୍ୟ ସରକାରଙ୍କ ବୈଷୟିକ ମୁଖପାତ୍ର ଡା. ଜୟନ୍ତ ପଣ୍ଡା, ସିଏମ୍‌ସି କମିଶନର ଅନନ୍ୟା ଦାସ, ଡିଆର୍‌ଡିଏ ପିଡି ଅବଦଲ ଅଖତରଏସ୍‌ସିବି ମେଡିକାଲ ଅଧୀକ୍ଷକ ଡା. ଅନ୍ନଦା ପ୍ରସାଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ୪ ଧରାପଡ଼ିଲେ: ବନ୍ଧୁକ, ଖଣ୍ଡା ସହ ଗହଣା ଜବତ

**ଭିଜିଲାନ୍ସ ଡିଏସ୍‌ପିଙ୍କଠାରୁ ସୁନାଗହଣା ଲୁଟ୍ ମାମଲା**

- ପିପିଲିରୁ ଆସି ଲୁଟ୍ କରି ପଳାଉଥିଲେ
- ଗ୍ୟାଙ୍ଗ୍ ଲିଡର ନିକଟରେ ଜେଲରୁ ବାହାରିଥିଲେ

**ଭୁବନେଶ୍ୱର,୭।୮(ବ୍ୟୁରୋ):** ଭିଜିଲାନ୍ସର ମହିଳା ଡିଏସ୍‌ପିଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ସୁନାଗହଣା ଲୁଟିନେଇଥିବା ଲୁଟେରା ଗ୍ୟାଙ୍ଗ୍‌କୁ ୧୭ଦିନ ପରେ ସ୍ପେଶାଲ ସ୍କ୍ୱାଡ୍ ଧରିଛି। ସେମାନଙ୍କ ନିକଟରୁ ଏକ ବନ୍ଧୁକ, ୫ ଗୁଳି, ଖଣ୍ଡା, ଭୁଜାଲି ସହ ବିପୁଳ ଚୋରି ସୁନା ଗହଣା ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଗ୍ୟାଙ୍ଗ୍‌ର ୪ଜଣଙ୍କୁ କୌଣସି ଏକ ଅଜ୍ଞାତ ସ୍ଥାନରେ ଅଟକ ରଖାଯାଇ ପଚରାଉଚରା ଚାଲିଛି। ଉକ୍ତ ଗ୍ୟାଙ୍ଗ୍ ପିପିଲିର ହୋଇଥିବାବେଳେ ଭୋର୍ ସମୟରେ ରାଜଧାନୀରେ ଲୁଟ୍‌ପାଟ କରି ଖସି ଯାଇଥାନ୍ତି ବୋଲି ପୋଲିସ ଜାଣିବାକୁ ପାଇଛି।

ଗତ ମାସ ୨୬ ତାରିଖରେ ଏହି ଘଟଣା ଘଟିଥିଲା। ଭୋର୍ ସମୟରେ ଡିଏସ୍‌ପି ତନୁଜା ମହାନ୍ତି ଘର ବାହାରେ ଝାଡୁ ମାରୁଥିବାବେଳେ ଦୁଇଜଣ ଲୁଟେରା ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ସୁନାଗହଣା ଲୁଟିନେଇ ପଳାଇଥିଲେ। ଜଣେ ଉଚ୍ଚ ପଦସ୍ଥ ପୋଲିସ ଅଫିସର ଲୁଟ୍‌ର ଶିକାର ହେବା ପରେ କମିଶନରେଟ ପୋଲିସର ନିଦ ହଜିଯାଇଥିଲା। ଏନେଇ ସ୍ପେଶାଲ ସ୍କ୍ୱାଡ୍ ଗଠନ କରାଯାଇ ପୁରୁଣା ଫାଇଲ୍‌ରୁ ଲୁଟେରାଙ୍କ ତାଲିକା ପ୍ରସ୍ତୁତ କରାଯାଇଥିଲା। ଲୁଟ୍ ପଛରେ ନିକଟରେ ଜେଲ୍‌ରୁ ଫେରିଥିବା ପିପିଲିର ଜଣେ କୁଖ୍ୟାତ ଲୁଟେରା ଓ ତାଙ୍କ ଗ୍ୟାଙ୍ଗର ସମ୍ପୃକ୍ତି ଥିବା ଖବର ପାଇଥିଲା ସ୍ପେଶାଲ ସ୍କ୍ୱାଡ୍। ଘଟଣା ଘଟିଥିବା ସମୟରେ ମଧ ସେ ସେଠାରେ ଥିବା ତାଙ୍କ ମୋବାଇଲ୍ ଫୋନ୍ ଲୋକେଶନରୁ ସ୍ପଷ୍ଟ ହୋଇଥିଲା। ଗୁରୁବାର ରାତିରେ ସ୍ପେଶାଲ ସ୍କ୍ୱାଡ୍ ଉକ୍ତ ଗ୍ୟାଙ୍ଗ୍ ସଦସ୍ୟ ରହୁଥିବା ପିପିଲିସ୍ଥିତ ଘରେ ଚଢାଉ କରିଥିଲେ। ଏହି ସମୟରେ ଲୁଟେରାମାନେ ଭୋଜିଭାତ କରି ମଉଜମସ୍ତି କରୁଥିଲେ। ପୋଲିସ ଚଢ଼ାଉ ଦେଖି ଅନ୍ୟମାନେ ଖସି ଯାଇଥିବାବେଳେ ୪ଜଣ ଧରାପଡିଯାଇଥିଲେ। ସେମାନେ ଆଉ କେଉଁସବୁ ଲୁଟ୍‌ରେ ସଂପୃକ୍ତ ଅଛନ୍ତି ତାହାର ଖୋଳତାଡ଼ ଚାଲିଛି। ଏ ସମ୍ପର୍କରେ ଡିସିପି ଡା. ଉମାଶଙ୍କର ଦାଶ ଶନିବାର ଖବରଦାତା ସମ୍ମିଳନୀରେ ଅଧିକ ତଥ୍ୟ ଦେବେ ବୋଲି ସୂଚନା ମିଳିଛି।

# କ୍ୱାରାଣ୍ଟାଇନରୁ ଫେରିବା ପରେ ଯୁବକଙ୍କ ମୃତ୍ୟୁ

- ୧୧ଘଣ୍ଟା ପଡ଼ିରହିଲା ମୃତଦେହ
- କରୋନା ଭୟରେ ଛୁଇଁଲେନି ଗ୍ରାମବାସୀ

**ଖୁଣ୍ଟୁଣୀ,୭।୮(ଡି.ଏନ୍.ଏ.):** ବେଙ୍ଗାଲୁରୁରୁ ନିଜ ଘରକୁ ୧ ମାସ ତଳେ ଆସି କ୍ୱାରାଣ୍ଟାଇନରେ ଥିଲେ। ଘରକୁ ଫେରିବାର ୪ଦିନ ହୋଇଥିବାବେଳେ ଶୁକ୍ରବାର ସକାଳେ ହଠାତ ମୃତ୍ୟୁ ହୋଇଥିଲା। ସେ ହେଲେ ଖୁଣ୍ଟୁଣୀ ପଞ୍ଚାୟତ ଅଧୀନ ପଥରକଟା ସାହିର ସତିଆ ବେହେରା(୪୫)। ସତିଆଙ୍କ ଅଚାନକ ମୃତ୍ୟୁ ହୋଇଥିବାରୁ କରୋନା ଭୟରେ ଗ୍ରାମବାସୀ ମୃତଦେହକୁ ଛୁଇଁ ନ ଥିଲେ। ଏପରିକି ଲୋକେ ୧୦୮ ଆମ୍ବୁଲାନ୍ସ ଓ ବ୍ଲକ ପ୍ରଶାସନକୁ ଯୋଗାଯୋଗ କରିଥିଲେ ମଧ କେହି ଆସି ନ ଥିଲେ। ଫଳରେ ମୃତଦେହ ସେଭଳି ଘର ବାହାରେ ୧୧ ଘଣ୍ଟା ପଡ଼ିରହିଥିଲା। ଶେଷରେ ସ୍ଥାନୀୟ କେତେଜଣ ଯୁବକ ଆଗକୁ ଆସି ମୃତଦେହକୁ ଶ୍ମଶାନକୁ ନେବା ସହ ଏକ ଜେସିବି ଦ୍ୱାରା ଗାତ ଖୋଳି ପୋତି ଦେଇଥିଲେ। ସତିଆ ବଡ଼ମ୍ବା ଅଞ୍ଚଳର ହୋଇଥିବାବେଳେ ୧୨ବର୍ଷ ହେବ ଖୁଣ୍ଟୁଣୀ ଆସି ସ୍ତ୍ରୀ ଓ ପୁଅ ସହ ରହୁଥିଲେ। ମୂଲ ଓ ମଜୁରି ଲାଗି ପରିବାର ଚଳାଉଥିଲା। କିନ୍ତୁ ଗତ କିଛି ମାସ ତଳେ ସତିଆ ବେଙ୍ଗାଲୁରୁ କାମ ପାଇଁ ଯାଇଥିଲା। ପରେ ଫେରି ସ୍ଥାନୀୟ କ୍ୱାରାଣ୍ଟାଇନ ସେଣ୍ଟରରେ ରହିଥିଲେ। ଗତ ୧୫ଦିନ ତଳେ ସେଠାରୁ ଫେରି ସତିଆ ବିଲ କାମ କରୁଥିବାବେଳେ ଜ୍ୱର ହୋଇଥିଲା। ଔଷଧ ଖାଇଥିଲେ ମଧ ଅବସ୍ଥା ଠିକ ନ ହେବାରୁ ଗୁରୁତର ହୋଇପଡ଼ିଲେ। ଅନ୍ୟପଟେ ସ୍ତ୍ରୀ ଦିବ୍ୟାଙ୍ଗ ଥିବାରୁ ମେଡିକାଲ ମଧ ନେଇପାରି ନ ଥିଲେ। ଚିକିତ୍ସା ଅଭାବରୁ ଶୁକ୍ରବାର ସକାଳେ ସତିଆଙ୍କ ମୃତ୍ୟୁ ଘଟିଥିଲା।

# ଜିଲାପାଳଙ୍କ ସମେତ ୧୭ଜଣଙ୍କ ସ୍ୱାବ୍ ପରୀକ୍ଷା

## ଏସ୍‌ପିଙ୍କ ସଂସ୍ପର୍ଶରେ ଆସିଥିଲେ, ରିପୋର୍ଟ ନେଗେଟିଭ



ଜିଲାପାଳ ସନତ୍ କୁମାର ମହାନ୍ତିଙ୍କ ସ୍ୱାବ୍ ସଂଗ୍ରହ କରାଯାଉଛି।

**ଖୋର୍ଦ୍ଧା ଅଫିସ,୭।୮:** ଖୋର୍ଦ୍ଧା ଜିଲାପାଳ ସନତ୍ କୁମାର ମହାନ୍ତିଙ୍କ ସମେତ ୧୭ଜଣଙ୍କର ଶୁକ୍ରବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାବ୍ ପରୀକ୍ଷା କରାଯାଇଥିଲା। ସମସ୍ତଙ୍କ ରିପୋର୍ଟ ନିଗେଟିଭ୍ ରହିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଣାପଡ଼ିଛି। ସୂଚନାଥାଉ କି, ଜିଲାପାଳ ମହାନ୍ତି ଦାୟିତ୍ୱ ଗ୍ରହଣ କରିବା ସମୟରେ ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ ତାଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ଗୁରୁବାର ଏସ୍‌ପି ସ୍ୱାଇଁ କରୋନାରେ ସଂକ୍ରମିତ ହୋଇଥିଲେ। ଏସ୍‌ପିଙ୍କ ସଂସ୍ପର୍ଶରେ ଆସିଥିବା ସମସ୍ତ ବ୍ୟକ୍ତିଙ୍କ କଣ୍ଟାକ୍ଟ ଟ୍ରେସିଂ କରାଯାଇଥିଲା। ଶୁକ୍ରବାର ଜିଲାପାଳଙ୍କ ସମେତ ଅତିରିକ୍ତ ଜିଲାପାଳ ମନୋଜ ପାଢୀ, ଅତିରିକ୍ତ ଜିଲାପାଳ ଅନୁଜ କୁମାର ପଟ୍ଟନାୟକ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ, ହେମନ୍ତ କୁମାର ଭୋଇ, ଦୁର୍ଗା ମାଧବ ହୋତା, ରଞ୍ଜିତ୍ ବେହେରା, ବିଶ୍ୱନାଥ ମହାରଣା, ଖୋର୍ଦ୍ଧା ଉପଜିଲାପାଳ ଅଶୋକ ବେହୁରିଆ, ପ୍ରଫୁଲ୍ଲ କୁମାର ସ୍ୱାଇଁ, ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁ, କବିଚନ୍ଦ୍ର ପ୍ରଧାନ, ଖୋର୍ଦ୍ଧା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀ, ଭାଗ୍ୟଲକ୍ଷ୍ମୀ ବେହେରା, ପ୍ରଦୀପ ସାହୁ, ରମେଶ ଚନ୍ଦ୍ର ସେଠୀ ପ୍ରମୁଖ ସ୍ୱାବ୍ ପରୀକ୍ଷା କରିଥିଲେ। ସମସ୍ତଙ୍କ ରିପୋର୍ଟ ନେଗେଟିଭ ଆସିଥିବା ଜଣାପଡ଼ିଛି।

## ଭୁବନେଶ୍ୱରରେ ପୁଣି ୧୦୧ ଆକ୍ରାନ୍ତ, ୧୦୬ ସୁସ୍ଥ

**ଭୁବନେଶ୍ୱର, ୭।୮(ବ୍ୟୁରୋ):** ରାଜଧାନୀରେ କରୋନା ସଂକ୍ରମଣ ଥମୁନି। ଶେଷ ୨୪ଘଣ୍ଟାରେ ଖୋର୍ଦ୍ଧା ଜିଲାରେ ରାଜ୍ୟର ସର୍ବାଧିକ ୨୯୮ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରୁ ଭୁବନେଶ୍ୱରରୁ ୧୦୧ ଜଣ ରହିଛନ୍ତି। ସଙ୍ଗରୋଧରୁ ୫୨ ଓ ସ୍ଥାନୀୟ ସଂକ୍ରମିତ ୪୯ଜଣ ଥିବା ବିଏମ୍‌ସି ସୂଚନା ଦେଇଛି। ୨ଜଣ ମେଡିକାଲ କର୍ମଚାରୀ ଓ ୩ଜଣ ସରକାରୀ କର୍ମଚାରୀ ରହିଛନ୍ତି। ସାଲିଆସାହିରୁ ୫, ଆଇଗିଣିଆ, ଲକ୍ଷ୍ମୀସାଗର, ବଡ଼ଗଡ଼, ୟୁନିଟ୍-୮, ପଟିଆ, ଚନ୍ଦ୍ରଶେଖରପୁର, ଶୈଳଶ୍ରୀ ବିହାର, ଡୁମୁଡୁମା ଫେଜ୍-୨, ବରମୁଣ୍ଡା, ପୋଖରୀପୁଟ, ଗଜପତି ନଗର, ଭିଏସ୍ଏସ୍ ନଗର, ୟୁନିଟ-୬ ତଳବସ୍ତି, ସତ୍ୟନଗର, ଆଇଆର୍‌ସି ଭିଲେଜ, ଡମଣା, କଳ୍ପନା ଛକ, ରଙ୍ଗମାଟିଆ, ଝାରପଡା, ନ୍ୟୁ ଫରେଷ୍ଟ ପାର୍କ, ଖଣ୍ଡଗିରି, ଖାରବେଳନଗର, ଭିମଟାଙ୍ଗୀ, କଟକ ରୋଡ୍, ଗଙ୍ଗନଗର, ସିରିପୁର, ରୁଚିକା ମାର୍କେଟ, ଫରେଷ୍ଟ ପାର୍କ, ବୁଦ୍ଧେଶ୍ୱରୀ କଲୋନୀ, ବିଜେବି ନଗର, ଇନ୍‌ଫୋସିଟି, ସାମନ୍ତରାପୁର, ପାତ୍ରପଡା, ତାଳବଣିଆ, ଶହୀଦନଗର ଆଦି ଅଞ୍ଚଳରୁ ପଜିଟିଭ ଚିହ୍ନଟ ହୋଇଛନ୍ତି। ସହରରେ ଆକ୍ରାନ୍ତଙ୍କ ସଂଖ୍ୟା ୩୫୭୩ ଛୁଇଁଛି। ଅନ୍ୟପକ୍ଷେ ୧୦୬ ରୋଗୀ ସୁସ୍ଥ ହେବାପରେ ଆରୋଗ୍ୟ ସଂଖ୍ୟା ୨୨୫୭ ହୋଇଛନ୍ତି। ୧୨୯୬ ଆକ୍ରାନ୍ତ ଚିକିତ୍ସିତ ହେଉଛନ୍ତି।

# ତେଜୁଛି ଚୁକ୍ତିଭିତ୍ତିକ ନିଯୁକ୍ତି ଉଚ୍ଛେଦ ଦାବି

**ହାଇକୋର୍ଟରେ ଜନସ୍ୱାର୍ଥ ମାମଲା**

**କଟକ ଅଫିସ,୭।୮**

ରାଜ୍ୟରେ ଚୁକ୍ତିଭିତ୍ତିକ ନିଯୁକ୍ତି ବ୍ୟବସ୍ଥା ଉଚ୍ଛେଦ କରିବା ପାଇଁ ଓଡ଼ିଶା ସରକାରୀ ଚୁକ୍ତିଭିତ୍ତିକ କର୍ମଚାରୀ ମହାସଂଘ ଶୁକ୍ରବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଏନେଇ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଛି। ସମାନ କାମକୁ ସମାନ ଦରମା ନ ଦେଇ ଦିନ ମଜୁରିଆଙ୍କୁ କମ୍ ଦରମା ଦେବା ଓ ସପ୍ତମ ବେତନ କମିଶନରେ ବେସିକ ପେ’ ନ ଦେଇ ୨୫ ପ୍ରତିଶତ ବୃଦ୍ଧିକୁ ବିରୋଧକରି ଏହି ମାମଲା ହୋଇଛି। ବିଚାରପତି ଜଷ୍ଟିସ୍ ବିଶ୍ୱନାଥ ରଥ ମାମଲାର ଶୁଣାଣି କରି ୬ ସପ୍ତାହ ମଧ୍ୟରେ ପକ୍ଷ ରଖିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ ୨୦୧୩ରୁ ଲାଗୁ ହୋଇଥିବା ଏହି ଚୁକ୍ତିଭିତ୍ତିକ ପ୍ରଥା ଅନୁସାରେ ହଜାର ହଜାର କର୍ମଚାରୀ ଦିନ ମଜୁରିଆ କମ୍ ବେତନରେ ଚଳୁଛନ୍ତି। ୨୦୧୬ରେ ସୁପ୍ରିମକୋର୍ଟ ସମାନ କାମକୁ ସମାନ ଦରମା ଘୋଷଣା କରିଥିଲେ ଯାହା ଓଡ଼ିଶାରେ କାର୍ଯ୍ୟକାରୀ ହେଲାନାହିଁ। ୨୦୧୭ରେ ଲାଗୁ ହେଇଥିବା ସପ୍ତମ ବେତନ କମିଶନରେ ସରକାର ସମସ୍ତ ନିୟମିତ କର୍ମଚାରୀଙ୍କ ମୂଳ ଦରମାରେ ବୃଦ୍ଧି କରାଇ ଠିକା କର୍ମଚାରୀଙ୍କ ମୂଳ ଦରମାର ମାତ୍ର ୨୫ ପ୍ରତିଶତ ବୃଦ୍ଧି କରିଛନ୍ତି। ଏହା ବିରୋଧରେ ବହୁ ଥର ଠିକା କର୍ମଚାରୀ ଆନ୍ଦୋଳନ କରିଛନ୍ତି। ତେଣୁ ଚୁକ୍ତିଭିତ୍ତିକ ବ୍ୟବସ୍ଥା ଉଚ୍ଛେଦ, ସମାନ କାମକୁ ସମାନ ଦରମା ଓ ସପ୍ତମ ବେତନ କମିଶନ୍‌ରେ ଶତପ୍ରତିଶତ ଦରମା ବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଆବେଦନରେ ପ୍ରାର୍ଥନା କରାଯାଇଛି। ଏହି ମାମଲାରେ ସାଧାରଣ ପ୍ରଶାସନ, ଅର୍ଥ ଓ ଆଇନ ବିଭାଗକୁ ପକ୍ଷଭୁକ୍ତ କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ବିଶ୍ୱବିହାରି ମହାନ୍ତି ମାମଲା ପରିଚାଳନା କରୁଛନ୍ତି।

## ମଉଗଜପୁର ପାସେଞ୍ଜର ହଲ୍ଟରେ ଭଙ୍ଗାରୁଜା

**କଟକସଦର,୭।୮(ଡି.ଏନ୍.ଏ.):** କଟକ-ପାରାଦୀପ ରେଳପଥର ମଉଗଜପୁର ପାସେଞ୍ଜର ହଲ୍ଟ ଗୃହକୁ ଗୁରୁବାର ରାତିରେ କେତେଜଣ ଦୁର୍ବୃତ୍ତ ଭଙ୍ଗାରୁଜା କରିଥିବା କଟକ ଜିଆର୍‌ପି ଥାନାରେ ଅଭିଯୋଗ ହୋଇଛି। ୪ମାସ ହେବ ଯାତ୍ରୀବାହୀ ଟ୍ରେନ ଚଳାଚଳ ବନ୍ଦ ଥିବାରୁ ପାସେଞ୍ଜର ହଲ୍ଟ ଟିକେଟ କାଉଣ୍ଟର ବନ୍ଦ ଥିଲା। ଏହାର ସୁଯୋଗରେ ଦୁର୍ବୃତ୍ତମାନେ ଘର କବାଟ, ଝରକା ଭାଙ୍ଗି ସାମଗ୍ରୀ ନେବା ପାଇଁ ଉଦ୍ୟମ କରୁଥିଲେ। ଶୁକ୍ରବାର ଟିକେଟ ବିକେତ୍ରା ଏଠାକୁ ଆସି କବାଟ ଭଙ୍ଗାଥିବା ଦେଖି ଜିଆର୍‌ପି ଥାନାକୁ ଜଣାଇଥିଲେ। ଏ ନେଇ ତଦନ୍ତ ଜାରି ରହିଛି।

# ମଲ୍‌ରୁ ୫୦ ହଜାର ଟଙ୍କାର ସାମଗ୍ରୀ ନେଇଗଲେ ମହିଳା

**ଥାନାରେ ମାମଲା ପରେ ଫେରାଇଲେ**

**ଭୁବନେଶ୍ୱର, ୭।୮(ବ୍ୟୁରୋ)**

ଶପିଂ ମଲ୍‌ରେ ପଶି ମନଇଚ୍ଛା ୫୦ହଜାର ଟଙ୍କାର ସାମଗ୍ରୀ ବାଛିଲେ। ପେମେଣ୍ଟ ନ କରି ପଳାଉଥିବାବେଳେ କର୍ମଚାରୀମାନେ ଅଟକାଇଲେ। ହେଲେ ସେ କର୍ମଚାରୀଙ୍କୁ ଗାଳିଗୁଲଜ ସହ ନାଲିଆଖି ଦେଖାଇଲେ। ବଳାତ୍କାର ମାମଲାରେ ଫସାଇ ଦେବାକୁ ଧମକ ଦେଇ ପୁରୁଷ ବନ୍ଧୁଙ୍କ ସହ ଫେରାର ହୋଇଗଲେ। ଗୁରୁବାର ତମାଣ୍ଡୋ ଥାନା ଅଞ୍ଚଳରେ ଏହି ଘଟଣା ଘଟିଥିଲା। ମଲ୍ ମ୍ୟାନେଜର ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ମଲ୍‌ରେ ଲାଗିଥିବା ସିସିଟିଭି ଫୁଟେଜକୁ ନେଇ ତଦନ୍ତ ଆରମ୍ଭ କରିଥିଲା। ଉକ୍ତ ସିସିଟିଭି ଫୁଟେଜରେ ମହିଳା ଜଣକ କିପରି ଦାଦାଗିରି ଦେଖାଇଥିଲେ ତାହା ସ୍ପଷ୍ଟ ଦେଖାଯାଉଛି। ସେ ମଧ ତାଙ୍କ ପୁରୁଷ ବନ୍ଧୁଙ୍କ ସହ ଏକ ଦାମୀ କାର୍‌ରେ ଶପିଂ ମଲ୍‌କୁ ଆସିଥିବା ଜଣାପଡିଛି। ତେବେ ଥାନାରେ ମାମଲା ରୁଜୁ ହୋଇଥିବା ଖବର ପାଇ ମହିଳା ଜଣକ ଗିରଫ ଭୟରେ ତୁରନ୍ତ ଶପିଂ କରିଥିବା ସାମଗ୍ରୀକୁ ଧରି ପୁଣି ସେହି ମଲ୍‌କୁ ଆସି ଫେରାଇ ଥିବା ଜଣାପଡିଛି। ମହିଳାଙ୍କ ଏହି ଦାଦାଗିରିକୁ ନେଇ ରାଜଧାନୀରେ ଚର୍ଚ୍ଚା ଜୋର୍ ଧରିଛି।

# କୋଭିଡ୍ ପରିସ୍ଥିତିର ସମୀକ୍ଷା କଲେ ଆର୍‌ଡିସି

**ପୁରୀ ଅଫିସ, ୭।୮**

କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର (ଆର୍‌ଡିସି) ଅନିଲ କୁମାର ସାମଲ ପୁରୀ ଜିଲା କୋଭିଡ୍ ପରିସ୍ଥିତିର ସମୀକ୍ଷା କରିଛନ୍ତି। ସର୍କିଟ ହାଉସ୍ ପରିସରରେ ଶୁକ୍ରବାର ଆୟୋଜିତ ସମୀକ୍ଷା ବୈଠକରେ ଆର୍‌ଡିସି ସାମଲ ପୁରୀ ଜିଲାରେ କରୋନା ମୁକାବିଲା ନିମନ୍ତେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଅବଗତ ହୋଇଥିଲେ। କୋଭିଡ୍ ଚିକିତ୍ସା କେନ୍ଦ୍ରରେ ଉପଲବ୍ଧ ସୁବିଧା ଓ ଡାକ୍ତରମାନେ ନିୟମିତ ସଂକ୍ରମିତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଉପଲବ୍ଧ ସେବା ଏବଂ ଭଲମନ୍ଦ ଜାଣିବା ପାଇଁ ସିଧାସଳଖ ରୋଗୀଙ୍କ ସହ କଥା ହେବେ ବୋଲି ରାଜସ୍ୱ କମିଶନର କହିଛନ୍ତି। ଅନ୍ୟପକ୍ଷରେ ଜିଲାପାଳ ବଲୱନ୍ତ ସିଂ ଜିଲାରେ କୋଭିଡ୍ ସ୍ଥିତି, କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ର, କେୟାର ସେଣ୍ଟର,



ସମୀକ୍ଷା ବୈଠକରେ ଆର୍‌ଡିସି ଅନିଲ କୁମାର ସାମଲ ଏବଂ ଅନ୍ୟ ଅଧିକାରୀ।

କେୟାର ହୋମ୍ ସମ୍ପର୍କରେ ଜଣାଇଥିଲେ। ଜିଲାରେ ଏ ପର୍ଯ୍ୟନ୍ତ ୨୯ ହଜାର କୋଭିଡ୍ ପରୀକ୍ଷା କରାଯାଇଛି। ସେଥିରୁ ୧୧୨୬ ଜଣ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୬୯୩ ଜଣ ସୁସ୍ଥ ହୋଇଛନ୍ତି। ଆରୋଗ୍ୟ ହାର ୬୨ ପ୍ରତିଶତ ରହିଛି ଏବଂ ଏହି ହାର ବୃଦ୍ଧି ପାଇବ ବୋଲି ଜିଲାପାଳ ଆଶାବ୍ୟକ୍ତ କରିଛନ୍ତି। ସଂକ୍ରମିତ ରୋଗ ଚିକିତ୍ସାଳୟରେ ଥିବା କରୋନା ସ୍ୱାସ୍ଥ୍ୟକେନ୍ଦ୍ରରେ ଶଯ୍ୟା କ୍ଷମତାକୁ ୧୦୦କୁ ବୃଦ୍ଧି କରାଯାଇ ଅଧିକ ଡାକ୍ତର ଓ ସହାୟକ କର୍ମୀଙ୍କୁ ନିୟୋଜିତ କରାଯିବ। ବର୍ତ୍ତମାନ ଜିଲାରେ ୧୦ଟି କୋଭିଡ୍ କେୟାର ସେଣ୍ଟର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କରୋନା ରୋଗୀଙ୍କ ପାଇଁ ୮୯୩ ଶଯ୍ୟା ବ୍ୟବସ୍ଥା ରହିଛି। ଏଥିନିମନ୍ତେ ଆନୁଷଙ୍ଗିକ କାମ ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ବେସରକାରୀ ଭାବେ କାର୍ଯ୍ୟ କରୁଥିବା ଡାକ୍ତରଙ୍କୁ ମୁଖ୍ୟ ଚିକିତ୍ସାଳୟରେ ରୋଗୀ ଦେଖିବା କାମରେ ନିୟୋଜିତ ଓ କରୋନା ସଂକ୍ରମିତ ଗର୍ଭବତୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା ସଂକ୍ରାନ୍ତରେ ଆଲୋଚନା ହୋଇଥିଲା। ବୈଠକରେ ଏସ୍‌ପି ଅଖିଳେଶ୍ୱର ସିଂ, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଓ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁ, ପୌରସଂସ୍ଥା ଅତିରିକ୍ତ ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ୩ ଦିନ ଜଗନ୍ନାଥପୁର ଶଟ୍‌ଡାଉନ

**ବ୍ରହ୍ମଗିରି,(ଡି.ଏନ୍.ଏ.):** ବ୍ରହ୍ମଗିରି ବ୍ଲକର ରେବଣାନୂଆଗାଁ ପଞ୍ଚାୟତ ଅଧିନ ଜଗନ୍ନାଥପୁର ଗ୍ରାମରେ ଶୁକ୍ରବାର ୩ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ରଖି ସରପଞ୍ଚ ସଞ୍ଜୟ କୁମାର ପ୍ରଧାନ ଗ୍ରାମକୁ ୩ ଦିନ ପାଇଁ ଶଟ୍‌ଡାଉନ ଘୋଷଣା କରିଛନ୍ତି। ଏହା ଶୁକ୍ରବାର ଅପରାହ୍ନ ୫.୩୦ ରୁ ସୋମବାର ଅପରାହ୍ନ ୫.୩୦ ପର୍ଯ୍ୟନ୍ତ ବଳବତ୍ତର ରହିବ। ଉକ୍ତ ଗ୍ରାମରେ ଜଣେ ପ୍ରସୂତିଙ୍କ ପଜିଟିଭ ବାହାରିବା ପରେ ତାଙ୍କ ପରିବାର ଲୋକଙ୍କ ସ୍ୱାବ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୩ ଜଣଙ୍କର ପଜିଟିଭ ବାହାରିବା ସ୍ୱାସ୍ଥ୍ୟ ବିଭାଗ ଘୋଷଣା କରିଥିବା ସରପଞ୍ଚ କହିଛନ୍ତି।

## ସଂକ୍ଷେପରେ

### ଆହୁରି ୪ଦିନ ପ୍ରବଳ ବର୍ଷା

ଭୁବନେଶ୍ୱର, ୭।୮(ବ୍ୟୁରୋ)- ଉତ୍ତର ଓ ସଂଲଗ୍ନ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଆଉଏକ ଲଘୁଚାପ ଦାନା ବାନ୍ଧୁଛି। ଏହା ପ୍ରଭାବରେ ଆସନ୍ତା ୪ଦିନ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବ। ଏନେଇ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୮ତାରିଖ ଜଗତ୍‌ସିଂହପୁର, ପୁରୀ, ଗଞ୍ଜାମ, ସୁନ୍ଦରଗଡ଼ରେ ପ୍ରବଳ ବର୍ଷା ହେବ। ତେବେ କଳାହାଣ୍ଡି, ବଲାଙ୍ଗୀର, ସୋନପୁର, ସମ୍ବଲପୁର, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, କଟକ, ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁରରେ ଝଡ଼ତୋଫାନ ସହ ବଜ୍ରପାତ ହେବ। ଏଥିପାଇଁ ସତର୍କ ରହିବା ପାଇଁ ପରାମର୍ଶ ଦେଇଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। କିନ୍ତୁ ୯ ଓ ୧୦ତାରିଖ ଦିନ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ୧୧ ତାରିଖରେ ନୂଆପଡ଼ା, ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ମାଲକାନଗିରିରେ ପ୍ରବଳ ବର୍ଷା ହେବ।

### କଟକ: ୩୪ ଆକ୍ରାନ୍ତ

**କଟକ ଅଫିସ,୭।୮:** କଟକ ଜିଲାରେ ଶୁକ୍ରବାର ଆକ୍ରାନ୍ତଙ୍କ ତୁଳନାରେ ଅଧିକ ସୁସ୍ଥ ହୋଇଛନ୍ତି। ଜିଲାରୁ ୧୪୭ ଜଣ ସୁସ୍ଥ ହୋଇ ଘରକୁ ଫେରିଥିବାବେଳେ ୩୪ ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେଥିରେ ସହରର ୨୩ ଓ ଗ୍ରାମାଞ୍ଚଳର ୧୧ଜଣ ରହିଛନ୍ତି। ସତୀଚଉରା ଓ ବକ୍ସିବଜାରରୁ ଚିହ୍ନଟ ହୋଇଥିବା ୩ ଜଣ ଲେଖାଏ ପଜିଟିଭ ହୋମ୍ କ୍ୱାରାଣ୍ଟାଇନରୁ ବାହାରିଛନ୍ତି। ମଙ୍ଗଳାବାଗରୁ ଚିହ୍ନଟ ୨ ଆକ୍ରାନ୍ତଙ୍କ ମଧ୍ୟରୁ ଜଣେ ସ୍ଥାନୀୟ ଆକ୍ରାନ୍ତ। ଚୌଧୁରୀ ବଜାର, ଯୋବ୍ରା, ଶଙ୍କରପୁର, ପାଇକରାପୁର, ଧୁରସିଆ, ତେଲେଙ୍ଗା ବଜାର, ଖପୁରିଆ, ବିଦ୍ୟାଧରପୁର, ରଘୁନାଥପୁର, ରାଣୀହାଟ ମେଡିକାଲ ରୋଡ, କାନନପୁରରୁ ଜଣେ ଲେଖାଏ ଚିହ୍ନଟ ହୋଇଛନ୍ତି। ଗ୍ରାମାଞ୍ଚଳରେ ନିଶ୍ଚିନ୍ତକୋଇଲିରୁ ୯, ବଡ଼ମ୍ବାରୁ ୨ଜଣ ଆକ୍ରାନ୍ତ ବାହାରିଛନ୍ତି।

### ପୁରୀ: ୬୭ ପଜିଟିଭ

**ପୁରୀ ଅଫିସ, ୭।୮:** ପୁରୀ ଜିଲାରୁ ଶୁକ୍ରବାର ୬୭ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ମିଶାଇ ଜିଲାର ମୋଟ ପଜିଟିଭ ସଂଖ୍ୟା ୧୧୨୬ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ୬୯୩ ଜଣ ସୁସ୍ଥ ହୋଇଥିବା ବେଳେ ୪୨୭ ଜଣ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। କରୋନା ସଂକ୍ରମିତ ଚିହ୍ନଟ ପରେ ବ୍ରହ୍ମଗିରି ବ୍ଲକ ତଳମାଳ ପଞ୍ଚାୟତର ପୋଡକେରା, ମନପଡ଼ା ପଞ୍ଚାୟତର ଦଣ୍ଡୁଆସିପଡ଼ା ଓ ଚୋଟପୁର, ଘଟକୁଡି ପଞ୍ଚାୟତର ଘଟକୁଡି, ବ୍ରାହ୍ମଣିଆ ପଞ୍ଚାୟତର ବେଙ୍ଗମା, ଦେକୁଦି ଓ ପିପିଲି ଏନ୍‌ଏସିର ୧୩ ନମ୍ବର ୱାର୍ଡର ବଡ ବସ୍ତିକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି।

### ଭଙ୍ଗାଗଲା ଜଳ ସମ୍ପଦ ବିଭାଗ କାର୍ଯ୍ୟାଳୟ କୋଠା

**କଟକ ଅଫିସ,୭।୮:** ଏସ୍‌ସିବିକୁ ଏମ୍ସ ପ୍ଲସ୍ କରିବା ପାଇଁ ଗତ ମାର୍ଚ୍ଚରୁ ସମ୍ପ୍ରସାରଣ କାମ ଆରମ୍ଭ କରାଯାଇଛି। କିନ୍ତୁ କରୋନା ମହାମାରୀ ଯୋଗୁ କାର୍ଯ୍ୟରେ ଏକ ପ୍ରକାର ବିଳମ୍ବ ଘଟିଛି। କରୋନା ସମୟରେ ଘରଭଡ଼ା ମିଳିବା ସମସ୍ୟା ଥିବା କାରଣରୁ ଅନେକ କଲୋନି ମଧ ଖାଲି କରାଯାଇ ପାରୁନାହିଁ। ଶୁକ୍ରବାର ପୂର୍ବାହ୍ନରେ ଯୋବ୍ରା ଅଞ୍ଚଳରେ ଥିବା ଜଳସମ୍ପଦ ବିଭାଗର କାର୍ଯ୍ୟାଳୟ କୋଠା ଓ କଲୋନୀକୁ କଟକ ମହାନଗର ନିଗମ ଉଚ୍ଛେଦ କରିଛି। ତାଳଦଣ୍ଡା କେନାଲ ପାଖଦେଇ ଯାଇଥିବା ଏହି ରାସ୍ତା ଏସ୍‌ସିବିକୁ ସଂଯୋଗ କରୁଥିବାରୁ ତାହାକୁ ଭଙ୍ଗାଯାଇଛି।

### ଖବରଦାତାଙ୍କୁ ଆର୍ଥିକ ସହାୟତା ଦାବି

**ପୁରୁଣା ଭୁବନେଶ୍ୱର,୭।୮(ଡି.ଏନ୍.ଏ.):** କରୋନା ଲଢ଼େଇରେ ଯୋଦ୍ଧା ଭାବେ ଉଭା ହୋଇଥିବା ବିଭିନ୍ନ ବିଭାଗର କର୍ମଚାରୀଙ୍କ ମଧ୍ୟରେ ଖବରଦାତାଙ୍କ ସ୍ଥାନ ଗୁରୁତ୍ୱପୂର୍ଣ୍ଣ। ରାଜ୍ୟରେ କରୋନା ଯୋଦ୍ଧା ଭାବେ କାର୍ଯ୍ୟରତ ଖବରଦାତାଙ୍କ ମୃତ୍ୟୁ ପାଇଁ ଓଡ଼ିଶା ସରକାର ୧୫ ଲକ୍ଷ ଟଙ୍କା ଘୋଷଣା କରିଥିଲେ। ବିପତ୍ତି ସମୟରେ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ କିଛି ଆର୍ଥିକ ସହାୟତା ପ୍ରଦାନ ପାଇଁ ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘ ଦାବି କରିଛି। ଏ ନେଇ ସଂଘ ମଙ୍ଗଳବାର ରବି ଟକିଜ୍ ଛକସ୍ଥିତ ସିଟି କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପଠାଯାଇଛି। ଏଥିରେ ସଂଘ ସଭାପତି ସୁଜ୍ଞାନ ଚୌଧୁରୀ, ଉପସଭାପତି ଆଶୁତୋଷ ରଥ, ସାଧାରଣ ସମ୍ପାଦକ ହୃଷୀକେଶ ମହାନ୍ତି, କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ରାଉତ, ପବିତ୍ର ପାତ୍ର, ଦୀପକ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

# ରାତିଅଧରେ ଚଢ଼ାଉ, ପୋଲିସ ହଟହଟା

ଗୋପ,୭।୮(ଡି.ଏନ୍.ଏ.)

### ୨ ଅଫିସରଙ୍କ ସହ ୧୦ ପୋଲିସ ୫ଘଣ୍ଟା ଅଟକ



ଗୋପ ଥାନା ପୋଲିସ ଗାଁ ବିବାଦକୁ ନେଇ ବୀରତୁଙ୍ଗ ପଞ୍ଚାୟତ ଅଧୀନ ରେତୁଆ ଗ୍ରାମକୁ ଚଢ଼ାଉ କରିବାକୁ ଯାଇ ହଟହଟା ହୋଇଛି। ବିନା ମାମଲାରେ ଚଢ଼ାଉ କରିଥିବା ଗ୍ରାମବାସୀ ଅଭିଯୋଗ କରି ୨ ଅଫିସରଙ୍କ ସମେତ ୧୦ରୁ ଉର୍ଦ୍ଧ୍ୱ ପୋଲିସ କର୍ମଚାରୀଙ୍କୁ ୫ଘଣ୍ଟା ଧରି ଅଟକ ରଖିଥିବା ଜଣାପଡ଼ିଛି। ଖବରପାଇ ନିମାପଡ଼ା ଡିଏସ୍‌ପି ପି.କେ. ଦଳାଇ, କୋଣାର୍କ ଥାନାଧିକାରୀ ରଞ୍ଜନ ମଲ୍ଲିକ, ଗୋପ ଥାନାଧିକାରୀ ସୁଧୀର ସାହୁ, ରାମଚଣ୍ଡୀ ଥାନାଧିକାରୀଙ୍କ ସହ ଗୋଟିଏ ପୋଲିସ ଫୋର୍ସ ଶୁକ୍ରବାର ସକାଳ ୬ଟାରେ ପହଞ୍ଚିବାରେ ଗ୍ରାମର ମହିଳାମାନେ ପୋଲିସ ଗାଡ଼ି ଆଗରେ ବସିଯାଇଥିଲେ। ପରେ ଡିଏସ୍‌ପି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ଅଟକ ପୋଲିସ ଗାଁରୁ ମୁକୁଳି ଥିଲେ।

ରେତୁଆ ଗ୍ରାମରେ କିଛିବର୍ଷ ହେବ ହନୁମାନ ମନ୍ଦିର ଜାଗା ସହ ପ୍ରାୟ ସମୟ ଗାଁ ବିବାଦ ଲାଗିରହିଥିଲା। ଫଳରେ ୨ ପରିବାର ଅଲଗା ରହୁଥିବା ବେଳେ ୧୦୦ ରୁ ଊର୍ଦ୍ଧ୍ୱ ପରିବାର ଗୋଟିଏ ପଟେ ରହୁଛନ୍ତି। ୩ଦିନ ତଳେ ଏକ ଷଣ୍ଢ ଅଲଗା ରହୁଥିବା ବ୍ୟକ୍ତିଙ୍କ କୁଣ୍ଡା ଖାଇ ଯିବାରେ ସାମାନ୍ୟ ପାଟିତୁଣ୍ଡ ହେବାରୁ ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ଗୁରୁବାର ଗାଁରେ ପହଞ୍ଚି ତଦନ୍ତ କରି ୨ ପକ୍ଷଙ୍କୁ ଥାନାକୁ ଡାକିଥିଲା। ମାତ୍ର ଗୋଟିଏ ପକ୍ଷର ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଥାନାକୁ ଆସିଥିବାବେଳେ ଅନ୍ୟ ପକ୍ଷ ଆସି ନ ଥିଲେ। ପରେ ବିଳମ୍ବିତ ରାତ୍ରିରେ ଗ୍ରାମବାସୀ ଗାଁକୁ ଫେରିଥିଲେ। ଏ ସମ୍ପର୍କରେ କୌଣସି ସମାଧାନ ବା କାହାରି ନାମରେ ମାମଲା ନ କରି ହଠାତ୍ ରାତି ପ୍ରାୟ ୧ ଟାରେ ପୋଲିସ ଏକ ଟିମ୍ ସହ ସଦଳବଳ ଗ୍ରାମରେ ଚଢ଼ାଉ କରିଥିଲା। ଜଣଙ୍କ ଘରେ ପଶିବାରୁ ମହିଳାମାନେ ପାଟି କରିବାରୁ ଗ୍ରାମବାସୀ ଉଠି ପଡ଼ିଥିଲେ। ଏଭଳି ଅଚାନକ ଘରେ ପଶିବାକୁ ଗ୍ରାମବାସୀ ସହଜରେ ଗ୍ରହଣ ନ କରି ପୋଲିସ ସହ ଯୁକ୍ତିତର୍କ କରିଥିଲେ। ପୋଲିସ ୨ଜଣ ଯୁବକଙ୍କୁ ଧରି ଗାଡିରେ ବସାଇବା ବେଳେ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ପୋଲିସ ଓ ଗାଡ଼ିକୁ ଅଟକ ରଖିଥିଲେ। ରାତି ୧ଟା ରୁ ସକାଳ ୬ ଟା ପର୍ଯ୍ୟନ୍ତ ପୋଲିସ ଅଟକ ଥିବା ଖବର ପାଇ ଅନ୍ୟ ପୋଲିସ ଅଧକାରୀ ପହଞ୍ଚିଥିଲେ। ପୋଲିସ କେତେଜଣ ଲୋକଙ୍କ ଘରେ ପଶି ମାରପିଟ କରିବା, ଭଙ୍ଗାରୁଜା କରିବା ସହ ମହିଳାମାନଙ୍କୁ ଅସଦାଚରଣ କରିଥିବା ଅଧିକାରୀଙ୍କୁ ଅଭିଯୋଗ କରିଥିଲେ। ପରେ ଲୋକଙ୍କୁ ବୁଝାଶୁଝା କରିବାରୁ ପୋଲିସକୁ ଛାଡ଼ିଥିଲେ। ତେବେ ବିନା ମାମଲାରେ ପୋଲିସର ଏଭଳି ରାତିଅଧିଆ ଚଢ଼ାଉକୁ ନେଇ ନାନା ପ୍ରଶ୍ନ ସୃଷ୍ଟି କରୁଛି। ଏ ନେଇ ଗୋପ ଥାନାଧିକାରୀ ସାହୁଙ୍କ ଯୋଗାଯୋଗ କରିଥିଲେ ମଧ୍ୟ ସମ୍ଭବ ହୋଇପାରି ନ ଥିଲା।

# ଅସ୍ଥାୟୀ ମଣ୍ଡପରେ ପୂଜାକୁ ନା

କଟକ ଅଫିସ,୭।୮

■ ପାର୍ବଣ ପାଇଁ କଟକ ମହାନଗର ଶାନ୍ତି କମିଟିର ନିଷ୍ପତ୍ତି
■ ନିରାଡ଼ମ୍ବରରେ ହେବ ମାଟି ଅନୁକୂଳ

ଚଳିତ ବର୍ଷ କଟକ ସହରରେ ଗଣେଶ ପୂଜା ନିରାଡ଼ମ୍ବର ଭାବେ ପାଳିତ ହେବ। କୌଣସି ପୂଜା କମିଟି ବଡ଼ ମେଢ଼ ପୂଜା କରିପାରିବେ ନାହିଁ। କେବଳ ଛୋଟ ମୂର୍ତ୍ତି ମଣ୍ଡପରେ ପୂଜା ପାଇବ। ସମସ୍ତ ପୂଜା କମିଟି ଓ କ୍ଲବ୍ କେବଳ ସ୍ଥାୟୀ ମଣ୍ଡପରେ ପୂଜା କରିପାରିବେ। ସର୍ବସାଧାରଣ ସ୍ଥାନରେ ଅସ୍ଥାୟୀ ମଣ୍ଡପ କରାଯିବ ନାହିଁ ବୋଲି ଶାନ୍ତି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଦରଘାବଜାରସ୍ଥିତ କମିଟିର ସ୍ଥାୟୀ କାର୍ଯ୍ୟାଳୟରେ ସଭାପତି ଦେବେନ୍ଦ୍ରନାଥ ସାହୁଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ହୋଇଥିବା ବୈଠକରେ ଏହି ନିଷ୍ପତ୍ତି ହୋଇଛି।

ଚଳିତ ବର୍ଷ ଜନ୍ମାଷ୍ଟମୀରୁ ବିଭିନ୍ନ ତିଥିରେ ପୂଜା କମିଟି ସର୍ବାଧିକ ୫ ଜଣ ଲୋକଙ୍କୁ ନେଇ ମା' ଦୁର୍ଗାଙ୍କ ମାଟି ଅନୁକୂଳ ନିରାଡ଼ମ୍ବର ଭାବେ କରିବେ। ଆଗକୁ କରୋନା ପରିସ୍ଥିତିର ବିଚାର ଆଲୋଚନା କରି ଦୁର୍ଗା, କାଳୀ ଓ କାର୍ତ୍ତିକେଶ୍ୱର ପୂଜା ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ପୂଜା କମିଟିଗୁଡ଼ିକ ମେଲୋଡି କିମ୍ବା ଶୋଭାଯାତ୍ରାରେ ବାଜା ରୋଶଣି ପାଇଁ କାହାକୁ ଅଗ୍ରୀମ ନ ଦେବା ପାଇଁ ଶାନ୍ତି କମିଟି ନିବେଦନ କରିଥିବା ଏହାର ସମ୍ପାଦକ ସୂଚନା ଦେଇଛନ୍ତି। ଏହି ବୈଠକରେ ଉପସଭାପତି ଲକ୍ଷ୍ମୀଧର ପ୍ରଧାନ, ଧର୍ମେଶ ନାୟକ, ଶିବେନ୍ଦ୍ର ହାତୀ, କିଶୋର ବେହେରା, ରାଜେନ୍ଦ୍ର ସାମଲ, ନୃସିଂହଚରଣ ଚୌଧୁରୀ, ଦେବାଶିଷ ରାୟ, ବିଜୟ ବେହେରା, ଦେବେନ୍ଦ୍ର କାହାଳୀ, ସଙ୍ଗଠନ ସମ୍ପାଦକ ନରେଶଚନ୍ଦ୍ର ସାହୁ, ସହ ସମ୍ପାଦକ ଲିଙ୍ଗରାଜ ହାତୀ ସାମିଲ ଥିଲେ। ଉପସଭାପତି ତାପସ ପ୍ରହରାଜ ଧନ୍ୟବାଦ ଦେଇଥିଲେ।

# ଶ୍ରେଷ୍ଠ ଶହେ ଆଇଟିଆଇ ତାଲିକାର ପ୍ରଥମ ପର୍ଯ୍ୟାୟରେ ଓଡ଼ିଶାର ୧୧

କଟକ ଅଫିସ,୭।୮

### ସ୍ଥାନ ପାଇଲାନି ଖପୁରିଆ ଆଇଟିଆଇ

ଭାରତ ସରକାରଙ୍କ ଦକ୍ଷତା ବିକାଶ ଓ ଉଦ୍ୟୋଗ ମନ୍ତ୍ରଣାଳୟ ଅଧୀନସ୍ଥ ଡାଇରେକ୍ଟୋରେଟ୍ ଜେନେରାଲ୍ ଅଫ୍ ଟ୍ରେନିଂ (ଡିଜିଟି)ର ପ୍ରଥମ କୋର୍ ଗ୍ରେଡିଂ କମିଟି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ପ୍ରଥମ ପର୍ଯ୍ୟାୟର ଡ୍ରାଫ୍ଟ ଗ୍ରେଡେସନ ତାଲିକା ପ୍ରକାଶ ପାଇଛି। ମୋଟ ୧୦ ହଜାର ୭୬୫ଟି ଆଇଟିଆଇକୁ ଏହି ତାଲିକାରେ ସାମିଲ କରାଯାଇଛି। ଦେଶର ଶ୍ରେଷ୍ଠ ଶହେଟି ଆଇଟିଆଇ ତାଲିକାରେ ଓଡ଼ିଶାରୁ ୧୧ଟି ଆଇଟିଆଇ ରହିଛି। ଏଥିରେ କଟକର ଏକ ଘରୋଇ ତାଲିମ ପ୍ରତିଷ୍ଠାନକୁ ସ୍ଥାନ ମିଳିଛି। ମାତ୍ର ସବୁବେଳେ କିଛି ନୂତନ ଉଦ୍ଭାବନ କରି ଚର୍ଚ୍ଚାରେ ରହୁଥିବା କଟକ ଖପୁରିଆସ୍ଥିତ ସରକାରୀ ଆଇଟିଆଇ ଏଥିରେ ସ୍ଥାନ ପାଇନାହିଁ।

ଦେଶର ସମସ୍ତ ଶିଳ୍ପ ତାଲିମ ପ୍ରତିଷ୍ଠାନର ଗୁଣାତ୍ମକ ମାନ ଯାଞ୍ଚ କରି ଡାଇରେକ୍ଟୋରେଟ୍ ଜେନେରାଲ୍ ଅଫ୍ ଟ୍ରେନିଂ ଗ୍ରେଡିଂ ଦିଏ। ଏହାର ପ୍ରଥମ କୋର ଗ୍ରେଡିଂ କମିଟି ବୈଠକ ଗତ ଜୁଲାଇ ୨ରେ ହୋଇଥିଲା। ଏଥିରେ ଦେଶର ଯେଉଁ ଶ୍ରେଷ୍ଠ ଶହେଟି ତାଲିମ କେନ୍ଦ୍ର ତାଲିକା ପ୍ରକାଶ ପାଇଛି, ସେଥିରେ ଓଡ଼ିଶାର ୧୧ଟି ସ୍ଥାନ ପାଇଛି। ମୋଟ ୧୦,୭୬୫ଟି ଆଇଟିଆଇକୁ ନେଇ ଏହି ଚୟନ କରାଯାଇଛି। ଓଡ଼ିଶାରୁ ସ୍ଥାନ ପାଇଥିବା ଅନୁଷ୍ଠାନ ମଧ୍ୟରେ ଗଞ୍ଜାମ ଜିଲାର ୨ଟି ସରକାରୀ ଆଇଟିଆଇ, ଭଦ୍ରକର ୨ଟି ଘରୋଇ ଆଇଟିଆଇ, ସୁନ୍ଦରଗଡ଼, ଝାରସୁଗୁଡ଼ା, ମୟୂରଭଞ୍ଜ, ପୁରୀ, ଯାଜପୁରର ଗୋଟିଏ ଲେଖାଏ ସରକାରୀ ଆଇଟିଆଇ, କଟକ ଜିଲାର ଗୋଟିଏ ଘରୋଇ ଆଇଟିଆଇ ସ୍ଥାନ ପାଇଛି। କରୋନା ମହାମାରୀ ସମୟରେ କୋଭିଡ୍ ସାମ୍ପଲ କଲେକ୍ସନ ମେଶିନ, ଅଟୋମେଟିକ ସାନିଟାଇଜିଂ ମେଶିନ ପ୍ରସ୍ତୁତ କରି ପ୍ରଶଂସା ସାଉଣ୍ଟିଥିବା ଖପୁରିଆସ୍ଥିତ ସରକାରୀ ଆଇଟିଆଇ ଏହି ତାଲିକାରେ ନ ରହିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଖପୁରିଆ ଆଇଟିଆଇ ଅଧ୍ୟକ୍ଷ ଡ. ହୃଷିକେଶ ମହାନ୍ତି କହିଛନ୍ତି, ଏହା ଚୂଡ଼ାନ୍ତ ତାଲିକା ନୁହେଁ। ଦ୍ୱିତୀୟ ପର୍ଯ୍ୟାୟ ମଧ୍ୟ ରହିଛି। ଏହାପରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ। ସେଥିରେ ଆମ ପ୍ରତିଷ୍ଠାନ ନିଶ୍ଚିତ ତାଲିକାଭୁକ୍ତ ହେବ ବୋଲି ବିଶ୍ୱାସ ରହିଛି।




ଜାତୀୟ ହସ୍ତତନ୍ତ ଦିବସ ପାଳନ ଅବସରରେ ଶୁକ୍ରବାର ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପ ସମ୍ମୁଖରେ ଶିଳ୍ପୀ ସୁବଳ ମହାରଣାଙ୍କ ବାଲୁକା କଳା।

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ବାଲକାଟୀ,୭।୮(ଡି.ଏନ୍.ଏ.)

ବାଲକାଟୀ ଫାଣ୍ଡି ଅଧୀନ ବସନ୍ତପେଡ଼ି ମକନ୍ଦନ ସାହିରେ ଭଡ଼ା ଘରେ ରହୁଥିବା ଜଣେ ମହିଳାଙ୍କ ମୃତଦେହ ଶୁକ୍ରବାର ସନ୍ଦେହଜନକ ଅବସ୍ଥାରେ ପୋଲିସ ଜବତ କରିଛି। ମୃତା ହେଲେ କୁନୀ ସାହୁ(୪୭)। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଥିବାବେଳେ ଘଟଣାର ତଦନ୍ତ ଚଳାଇଛି। କୁନି ଭୁବନେଶ୍ୱରର ସୁରେନ୍ଦ୍ର ସାହୁଙ୍କୁ ବିବାହ କରିଥିଲେ। ସୁରେନ୍ଦ୍ର ରଙ୍ଗମିସ୍ତ୍ରି ଭାବେ କାମ କରୁଥିବାବେଳେ କରୋନାରେ ସବୁ ବନ୍ଦ ଯୋଗୁ ପ୍ରାୟ ସମୟ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହେଉଥିଲା। ଶୁକ୍ରବାର ସକାଳେ ମଧ ସ୍ତ୍ରୀସ୍ୱାମୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଦୀର୍ଘ ସମୟ ହେବ ଘରୁ କେହି ନ ବାହାରିବାରୁ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଘରୁ ମହିଳାଙ୍କ ମୃତଦେହ ଉଦ୍ଧାର କରିବା ସହ ସ୍ୱାମୀଙ୍କୁ ପଚରାଉଚରା କରୁଛି। ଅନ୍ୟପକ୍ଷେ କୁନି ଛାତକୁ ଯାଇଥିବାବେଳେ ସିଡ଼ିରୁ ଖସି ମୃତ୍ୟୁ ହୋଇଥିବା ସୁରେନ୍ଦ୍ର କହିଛନ୍ତି। ସେହିଭଳି ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

### କୁମାର ବିଶ୍ୱରଞ୍ଜନ ସମ୍ବର୍ଦ୍ଧିତ

ଭୁବନେଶ୍ୱର,୭।୮(ବ୍ୟୁରୋ)

ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୧୪ ନମ୍ବର ୱାର୍ଡରେ ରହୁଥିବା ଦରଜି ବେଣୁଧର ଭୋଳ ଓ ମିନତି ଭୋଳଙ୍କ ସୁପୁତ୍ର କୁମାର ବିଶ୍ୱରଞ୍ଜନ ୨୦୧୯ ସିଭିଲ୍ ସର୍ଭିସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ପରୀକ୍ଷାରେ ୧୮୨ତମ ସ୍ଥାନରେ ରହି ଓଡିଶା ପାଇଁ ଗୌରବ ଓ ସମ୍ମାନ ଆଣିଛନ୍ତି। ଏଭଳି ସଫଳତା ପରେ ନବ ନିର୍ବାଚିତ ରାଜ୍ୟସଭା ସଦସ୍ୟ ସୁଜିତ୍ କୁମାର, ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର, ବିଶିଷ୍ଟ ନାରୀନେତ୍ରୀ ରୋଜାଲିନ୍ ପାଟଶାଣୀ, ଯୁବ ଓ ସାଂସ୍କୃତିକ ସଂଘ ସଭାପତି ଡ.ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ସଧାରଣ ସମ୍ପାଦକ ଓ ସାମାଜିକ କର୍ମୀ ବିଶ୍ୱଜିତ୍ ପଟ୍ଟନାୟକ ପ୍ରମୁଖ ତାଙ୍କ ଘରେ ପହଞ୍ଚି ଶୁଭେଚ୍ଛା ଓ ସମ୍ବର୍ଦ୍ଧନା ଜଣାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅର୍ଜ୍ଜୁନ ଦେହୁରୀ, ଗୋବିନ୍ଦ କୁମାର, ପ୍ରକାଶ ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ଘରୋଇ ହସ୍ପିଟାଲ ପାଇଁ ନୂଆ ଆଡଭାଇଜରି

ଭୁବନେଶ୍ୱର, ୭।୮(ବ୍ୟୁରୋ)

ରାଜ୍ୟ ସରକାର ପୁଣି ଘରୋଇ ହସ୍ପିଟାଲ ପାଇଁ ଆଡ଼ଭାଇଜରି ଜାରି କରିଛନ୍ତି। ଘରୋଇ ହସ୍ପିଟାଲ କୋଭିଡ୍ କେନ୍ଦ୍ରରେ ଆଉ ୩୦ କିମ୍ବା ତା'ଠାରୁ ଉର୍ଦ୍ଧ୍ୱ ଶଯ୍ୟା ବୃଦ୍ଧି କରିବାକୁ କୁହାଯାଇଛି। ଏନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ କରିଛି। ଅନେକ ଘରୋଇ ହସ୍ପିଟାଲ ଅଣକୋଭିଡ୍ ରୋଗୀଙ୍କ ଚିକିତ୍ସା କରୁଛନ୍ତି। କିନ୍ତୁ ଚିକିତ୍ସା ସମୟରେ ଯଦି କୌଣସି ରୋଗୀ ପଜିଟିଭ୍ ବାହାରୁଛନ୍ତି ତେବେ ସେମାନେ ସରକାରୀ ହସ୍ପିଟାଲକୁ ଯିବା ପାଇଁ କହୁଛନ୍ତି। ତେଣୁ ନୂଆ ଆଡ଼ଭାଇଜରି ଜାରି ହୋଇଛି। ଏଥିରେ ଯେକୌଣସି ଘରୋଇ ହସ୍ପିଟାଲରେ କରୋନା ଆକ୍ରାନ୍ତଙ୍କୁ ରଖିହେବ। ଏଥିପାଇଁ ସେମାନେ ପଞ୍ଜୀକୃତ ହେବେ। ହସ୍ପିଟାଲରେ ୧୦% ଶଯ୍ୟା କେବଳ କରୋନା ରୋଗୀଙ୍କ ପାଇଁ ରହିବ। ସେହି ଅନୁସାରେ ଆଇସିୟୁ ଓ ଭେଣ୍ଟିଲେଟର, ଆବଶ୍ୟକ ପିପିଇ କିଟ୍, ଅକ୍ସିଜେନ୍ ରଖାଯିବ। ରୋଗୀଙ୍କୁ କରୋନା ପରୀକ୍ଷା ରିପୋର୍ଟ ହସ୍ତାନ୍ତର କରିବେ।

# ଖୋର୍ଦ୍ଧା: ସପ୍ତାହରେ ୬୫୦ କରୋନା ପଜିଟିଭ୍

ଖୋର୍ଦ୍ଧା ଅଫିସ,୭।୮

### କୋଭିଡ୍ ଗାଇଡ୍‌ଲାଇନ ପାଳନ ପାଇଁ ନିବେଦନ

ଖୋର୍ଦ୍ଧା ଜିଲା(ବିଏମ୍‌ସିକୁ ବାଦ୍ ଦେଇ)ରେ ଦିନକୁ ଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଅଗଷ୍ଟ ୧ରୁ ୭ତାରିଖ ମଧ୍ୟରେ ୬୫୦ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଶୁକ୍ରବାର ଖୋର୍ଦ୍ଧା ଗ୍ରାମାଞ୍ଚଳରେ ୧୩୩ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ବାଣପୁର ୧୬, ବାଲୁଗାଁ ୧୪, ଟାଙ୍ଗୀ ୨୮, ଖୋର୍ଦ୍ଧା ୭, ବେଗୁନିଆ ୧, ବୋଲଗଡ଼ ୨୨, ଜଟଣୀ ୧୨, ମେଣ୍ଢାଶାଳ ୧୪, ବାଲକାଟୀ ୫, ବାଲିପାଟଣା ୧ ଏବଂ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରୁ ୧୩ଜଣ ରହିଛନ୍ତି। ଜିଲାରେ ବିଏମ୍‌ସିକୁ ବାଦ ଦେଇ ଆକ୍ରାନ୍ତଙ୍କ ସଂଖ୍ୟା ୧୭୮୦ରେ ପହଞ୍ଚିଛି ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଅନ୍ୟପକ୍ଷେ ଜିଲାପାଳ ସନତ୍ କୁମାର ମହାନ୍ତି କହିଛନ୍ତି, କୋଭିଡ୍ ନିୟନ୍ତ୍ରଣ ଉପରେ ପ୍ରାଥମିକତା ଦିଆଯାଉଛି। ସଉଦା କିଣିବା ଲାଗି ନିକଟସ୍ଥ ପରିବା ହାଟ, ଗ୍ରସେରି ଦୋକାନକୁ ଚାଲି ଚାଲି ଯାଆନ୍ତୁ। ଘରୁ ବାହାରିଲେ ମାସ୍କ ପିନ୍ଧିବା ଏବଂ ସାମାଜିକ ଦୂରତ୍ୱକୁ ଭୁଲନ୍ତୁ ନାହିଁ। ସମସ୍ତ ବ୍ୟବସାୟୀଙ୍କୁ ମଧ ଏଥିପ୍ରତି ତାଗିଦ୍ କରାଯାଇଛି। ଜରୁରୀ ନ ଥିଲେ ଘରୁ ବାହାରନ୍ତୁ ନାହିଁ ବୋଲି ଲୋକମାନଙ୍କୁ ନିବେଦନ କରିଛନ୍ତି। ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ କହିଛନ୍ତି, ଜଟଣୀ ବ୍ଲକର ଝାମୁଝରି, ଖୁଦୁପୁର ଓ ଖୋର୍ଦ୍ଧା ପ୍ରାଣନାଥ କଲେଜରେ ମୋଟ୍ ୩ଟି କୋଭିଡ୍ ଯତ୍ନ କେନ୍ଦ୍ର ରହିଛି। ଜିଲାସ୍ତରୀୟ କୋଭିଡ୍ ପରିଚାଳନା କମିଟି କୋଭିଡ୍ ନିୟନ୍ତ୍ରଣ ଦିଗରେ କାର୍ଯ୍ୟ କରୁଛନ୍ତି ବୋଲି ସେ କହିଛନ୍ତି।

# ଉତ୍ତମ ସ୍ୱାସ୍ଥ୍ୟସେବା, ସ୍ୱଚ୍ଛତାକୁ ଗୁରୁତ୍ୱ

ଖୋର୍ଦ୍ଧା ଅଫିସ,୭।୮

### ଜିଲା ମୁଖ୍ୟ ଚିକିତ୍ସାଳୟ ବୁଲି ଦେଖିଲେ ଜିଲାପାଳ

ଜିଲାପାଳ ସନତ୍ କୁମାର ମହାନ୍ତି ଶୁକ୍ରବାର ଜିଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ୱାର୍ଡ ବୁଲି ଦେଖିବା ସହ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। କେତେଜଣ ରୋଗୀ ବିଭିନ୍ନ ସମସ୍ୟା ସମ୍ପର୍କରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପର୍ଯ୍ୟାୟକ୍ରମେ ଏହି ସମସ୍ୟାର ସମାଧାନ କରାଯିବ ବୋଲି ଜିଲାପାଳ ମହାନ୍ତି ପ୍ରତିଶ୍ରୁତି ଦେଇଥିଲେ। ଏହା ପରେ ପସୂତି ଓ ଶିଶୁ ୱାର୍ଡ, ଏସଏନସିୟୁ ବୁଲି ଦେଖିବା ସହ ଗର୍ଭବତୀ ଏବଂ ନବଜାତ ଶିଶୁଙ୍କ ଉପଯୁକ୍ତ ଚିକିତ୍ସା ଲାଗି ଡାକ୍ତର, ନର୍ସଙ୍କୁ ପରାମର୍ଶ ଦେଇଥିଲେ। ରୋଗୀଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଓ ମେଡିକାଲର ସ୍ୱଚ୍ଛତା ଲାଗି ପରାମର୍ଶ ଦେଇଥିଲେ। ଏହି ଅବସରରେ ଭାରପ୍ରାପ୍ତ ସିଡିଏମଓ ଡା. ଦ୍ୱାରିକାନାଥ ଶତପଥୀ, ମେଡିକାଲ ଅଧୀକ୍ଷକ ବିଶ୍ୱମୋହନ ମିଶ୍ର, ଡା. ରଘୁନାଥ ନାୟକ, ହସ୍ପିଟାଲ ମ୍ୟାନେଜର ଡା.ମୀରା ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

# ୨ ବେଆଇନ କରତକଳ ଉପରେ ଚଢ଼ାଉ

ନିମାପଡ଼ା,୭।୮(ଡି.ଏନ୍.ଏ.)

### ୧୦ ଲକ୍ଷ ଟଙ୍କାର କାଠ, ପଟା, ଯନ୍ତ୍ରାଂଶ ଜବତ

ନିମାପଡ଼ା ଥାନା ଅଧୀନ ବାମଦେଇପୁର, ଅନ୍ତୁଆର ଗ୍ରାମର ବେଆଇନ ୨ କରତକଳ ଉପରେ ଶୁକ୍ରବାର ପୁରୀ ବନଖଣ୍ଡ ବିଭାଗ ଚଢ଼ାଉ କରିଛି। ଏଥିରେ ପ୍ରାୟ ୧୦ଲକ୍ଷ ଟଙ୍କାର ମୂଲ୍ୟବାନ କାଠ, ପଟା, ଯନ୍ତ୍ରାଂଶ ଜବତ କରାଯାଇଥିବା ଗୋପ ବନଖଣ୍ଡ ଅଧିକାରୀ ରବୀନ୍ଦ୍ର ନାୟକ କହିଛନ୍ତି। କରତକଳ ମାଲିକଙ୍କ ନାଁରେ ୨ ମାମଲା ରୁଜୁ କରାଯାଇଛି। ଶୁକ୍ରବାର ପୁରୀ ଜିଲା ବନଖଣ୍ଡ ଅଧିକାରୀ ସୁଶାନ୍ତ କୁମାରଙ୍କ ନେତୃତ୍ୱରେ ଗୋପ ରେଞ୍ଜର ନାୟକ, ପ୍ରଦୀପ ପାଣିଗ୍ରାହୀ, ନିମାପଡ଼ା ଫରେଷ୍ଟର ଟିଙ୍କିନା ପ୍ରଧାନ, ନିମାପଡ଼ା ଥାନା ଆଇଆଇସି ଜନାର୍ଦ୍ଦନ ପାଢ଼ୀ ଓ ପୁରୀ ବନଖଣ୍ଡ ଡିଭିଜନର ପଦାଧିକାରୀ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ କରତକଳ ମାଲିକଙ୍କ କେତେକ ସମର୍ଥକ ତଥା ସ୍ଥାନୀୟ ଅଞ୍ଚଳର ପ୍ରାୟ ୩୦ ମହିଳା ବିରୋଧ କରି ହୋହଲ୍ଲା କରିଥିଲେ। ହେଲେ ବନ କର୍ତ୍ତୃପକ୍ଷମାନେ ବୁଝାଶୁଝା କରିବା ପରେ ମହିଳାମାନେ ଶାନ୍ତ ପଡ଼ିଥିଲେ।

# ସ୍ଥାୟୀ ଚାକିରି ଦାବିରେ ଆୟୁଷ ଡାକ୍ତର

କୋଣାର୍କ,୭।୮(ଡି.ଏନ୍.ଏ.)

### କଳାବ୍ୟାଜ୍ ପିନ୍ଧି ପ୍ରତିବାଦ

କରୋନାରେ ଆୟୁଷ ଡାକ୍ତର ଜୀବନକୁ ବାଜି ଲଗାଇ ସେବା କରୁଛନ୍ତି। ହେଲେ ସେମାନଙ୍କ ଚାକିରିକୁ ନେଇ ଅଣଦେଖା କରାଯାଉଥିବା କୋଣାର୍କ କୋଭିଡ୍ ହସ୍ପିଟାଲରେ କାର୍ଯ୍ୟରତ ଆୟୁଷ ଡାକ୍ତର ଅଭିଯୋଗ କରିଛନ୍ତି। ଶୁକ୍ରବାର ପୁରୀ ଜିଲା ଆୟୁଷ ଡାକ୍ତର ସଂଘର ସଭାପତି ସୌମ୍ୟକାନ୍ତ ପଣ୍ଡାଙ୍କ ନେତୃତ୍ୱରେ ୫ରୁ ଊର୍ଦ୍ଧ୍ୱ ଆୟୁଷ ଡାକ୍ତର କଳାବ୍ୟାଜ ପିନ୍ଧି ପ୍ରତିବାଦ କରିଥିଲେ। ରୋଗୀମାନେ ଅସୁବିଧାରେ ନ ପଡ଼ିବା ପାଇଁ ନିଜ କାର୍ଯ୍ୟ ଜାରି ରଖିଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ୧୩ବର୍ଷ ଧରି ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଆୟୁଷ ଡାକ୍ତର କାର୍ଯ୍ୟ କରୁଥିବାବେଳେ ଚାକିରି ସ୍ଥାୟୀ କରିବା ନେଇ ଟାଳଟୁଳ ନୀତି ହେଉଛି। ସେମାନଙ୍କ ନିଯୁକ୍ତି ସମୟରେ ଓଆରଭି ଆକ୍ଟର ସମସ୍ତ ନିୟମ ପାଳନ କରି ଚାକିରିକୁ ସ୍ଥାୟୀ କରାଯିବ ବୋଲି ରାଜ୍ୟ ସରକାର କହିଥିଲେ। ମାତ୍ର ଏମାନଙ୍କୁ ଛାଡି ଅନ୍ୟ ସବୁ କ୍ଲିନିକାଲ କର୍ମଚାରୀଙ୍କ ଚାକିରି ସ୍ଥାୟୀ କରିବା ପାଇଁ ସରକାରୀ ନିର୍ଦ୍ଦେଶନାମା ଆସିଛି। ସ୍ୱାସ୍ଥ୍ୟ ବିଭାଗକୁ ଦାବି ଜଣାଉଥିଲେ ମଧ ପଦକ୍ଷେପ ନାହିଁ। ଏଥିରେ ପୁରୀ ଜିଲା ସଂଘ ସମ୍ପାଦକ ଡା. ତପନ ଦାଶ, ଡା. ସୀମା ଲତା ସାଇଁ, ଡା. ବିଧୁଭୂଷଣ ନାୟକ ଓ ଡା. କମଲେଶ ଛାଟୋଇ ଉପସ୍ଥିତ ଥିଲେ।

# କଟକଣା ମାନିଲେନି, ଭାଙ୍ଗି ଫିଙ୍ଗିଦେଲେ ବାଡ଼

ପୁରୀ ଅଫିସ, ୭।୮

### ସରପଞ୍ଚଙ୍କ ଦ୍ୱାରା ସାନି କଣ୍ଟେନ୍‌ମେଣ୍ଟ ନିର୍ଦ୍ଦେଶନାମା ଜାରି

ମହାମାରୀ କରୋନା ସଂକ୍ରମଣ ରୋକାଯିବା ନେଇ ରାଜ୍ୟ ସରକାର ବିଭିନ୍ନ ଗାଇଡ୍ ଲାଇନ କରିଛନ୍ତି। ତୃଣମୂଳସ୍ତରରେ କରୋନା ବିରୋଧୀ ଲଢେଇ ଜୋର୍‌ଦାର କରିବା ପାଇଁ ସରପଞ୍ଚଙ୍କୁ ଜିଲାପାଳ କ୍ଷମତା ମିଳିଛି। ମାତ୍ର ଅନେକ ସମୟରେ ସରପଞ୍ଚଙ୍କ ନିର୍ଦ୍ଦେଶ ବା କଟକଣାକୁ ସେହି ଅଞ୍ଚଳବାସୀ ମାନୁନାହାନ୍ତି। ପୁରୀ ସଦର ବ୍ଲକ ବାଲିପଡ଼ା ପଞ୍ଚାୟତରେ ଏମିତି ଏକ ଘଟଣା ଘଟିଛି। କରୋନା ସଂକ୍ରମଣ ରୋକିବା ପାଇଁ ସରପଞ୍ଚ ବାଲିପଡ଼ା ଗାଁ ସମେତ ଏହା ସଂଲଗ୍ନ କେତେକ ସାହିକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରିଥିଲେ। ଏଥିପାଇଁ ବାଲିପଡ଼ା ଗାଁ ପ୍ରବେଶ ପଥରେ ବାଉଁଶ ବାଡ଼ ବନ୍ଧାଯାଇ ଅବରୋଧ କରାଯାଇଥିଲା। କିନ୍ତୁ ଏହାକୁ ସେହି ଗାଁର କିଛି ଲୋକ ମାନିନାହାନ୍ତି। ସେମାନେ ବାଉଁଶ ବାଡ଼କୁ ଭାଙ୍ଗି ଫିଙ୍ଗି ଦେଇଛନ୍ତି। ଖବର ପାଇବା ପରେ ଚନ୍ଦନପୁର ଥାନା ପୋଲିସ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛି।

ବାଲିପଡ଼ା ଗାଁରୁ ଜଣେ ବ୍ୟକ୍ତି କରୋନା ପଜିଟିଭ ଚିହ୍ନଟ ହେବା ପରେ ସରପଞ୍ଚ ଚିତ୍ରସେନ ବେହେରା ବୈଠକ ଡାକିଥିଲେ। ଗ୍ରାମବାସୀଙ୍କ ସୁରକ୍ଷା ଲାଗି ସେହିଗାଁ ଏବଂ ଏହା ସଂଲଗ୍ନ କିଛି ସାହିକୁ ୬ତାରିଖ ଅପରାହ୍ନ ୫ଟାରୁ ୮ତାରିଖ ଅପରାହ୍ନ ୫ଟା ପର୍ଯ୍ୟନ୍ତ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରିଥିଲେ। ଏ ନେଇ ଥାନା, ଜିଲା ପ୍ରଶାସନ, ବ୍ଲକ ଅଧିକାରୀ ସମସ୍ତଙ୍କୁ ଅବଗତ କରାଇଥିଲେ। ସମ୍ପୃକ୍ତ ଗ୍ରାମବାସୀ ବାହାରକୁ ନ ଯିବା ଏବଂ ଅନ୍ୟ ଗାଁ ଲୋକେ ନ ପଶିବା ପାଇଁ ବାଉଁଶ ବାଡ଼ ଦିଆଯାଇଥିଲା। ତେବେ ଗୁରୁବାର ରାତିରେ କେହି ସେ ସବୁକୁ ଭାଙ୍ଗି ଫିଙ୍ଗି ଦେଇଛନ୍ତି। ଶୁକ୍ରବାର ପୋଲିସ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିବାବେଳେ ସରପଞ୍ଚ ସାନି ନିର୍ଦ୍ଦେଶନାମା ଜାରି କରିଛନ୍ତି। ଖିଲାପକାରୀଙ୍କ ବିରୋଧରେ କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବ।



